# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 6 October – 2026

************************************

## ମୁଖ୍ୟ ସମ୍ବାଦ

- ପ୍ରତିରକ୍ଷା କ୍ଷେତ୍ରର ବିକାଶ ପାଇଁ ଓଡ଼ିଶା ପ୍ରମୁଖ ରଣନୈତିକ ସହଭାଗିଭାବେ ଉଭା ହେଉଛି; କହିଲେ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ

– କୋରାପୁଟ ହାଲ୍‌ଠାରେ ଦ୍ୱିତୀୟ ଶକ୍ତି ଇଞ୍ଜିନ୍ ଉତ୍ପାଦନ ଲାଇନ୍‌ର କଲେ ଉଦ୍‌ଘାଟନ

- କେନ୍ଦ୍ର କ୍ୟାବିନେଟ୍‌ରେ ଏକୀକୃତ ପରିବହନ ଓ ଲଜିଷ୍ଟିକ୍ ପ୍ରାଧିକରଣ ଗଠନକୁ ମଞ୍ଜୁରି

– ପ୍ରଧାନମନ୍ତ୍ରୀଙ୍କ ୨୫ ବର୍ଷର ନେତୃତ୍ୱ ପୂରଣ ଅବସରରେ ଅଭିନନ୍ଦନ ଜଣାଇ ପ୍ରସ୍ତାବ ପାରିତ

- ରାଜ୍ୟରେ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ଲାଗି ନିର୍ବାଚନ ଆୟୋଗଙ୍କ ବୈଠକ

ଏବଂ

- ମହାକାଶ ଅଧ୍ୟୟନ ପାଇଁ ପଦାର୍ଥ ବିଜ୍ଞାନରେ ଫ୍ରାନ୍‌ସିସ୍ ହାଲଜେନ୍‌ଙ୍କୁ ମିଳିବ ନୋବେଲ ପୁରସ୍କାର

# ପ୍ରତିରକ୍ଷା ମନ୍ତ୍ରୀ—ହାଲ୍

ଦେଶର ପ୍ରତିରକ୍ଷା କ୍ଷେତ୍ରରେ ଓଡ଼ିଶା ଏକ ପ୍ରମୁଖ ରଣନୈତିକ ଓ ଶିଳ୍ପ କେନ୍ଦ୍ରଭାବେ ଉଭା ହେଉଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି। ଦିନିକିଆ ଓଡ଼ିଶା ଗସ୍ତରେ ଆସି କୋରାପୁଟ ସୁନାବେଡ଼ାର ହାଲ୍‌ଠାରେ ଦ୍ୱିତୀୟ ଶକ୍ତି ଇଞ୍ଜିନ୍ ଉତ୍ପାଦନ ଲାଇନ୍‌ର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଭାରତୀୟ ସେନାକୁ ସଶକ୍ତ କରିବା ଓ ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ କ୍ଷେତ୍ରରେ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍—ହାଲ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ହାଲ୍ କୋରାପୁଟକୁ ଏରେସ୍ପେଶ୍‌ର କେନ୍ଦ୍ରସ୍ଥଳ କରି ଏମ୍.ଏସ୍.ଏମ୍.ଇ, ଷ୍ଟାର୍ଟ-ଅପ୍, ବିଶ୍ୱବିଦ୍ୟାଳୟ ଓ ଦକ୍ଷ ଯୁବପିଢ଼ିଙ୍କୁ ଏହା ସହ ସଂଯୋଗ କରି ରାଜ୍ୟକୁ ଭାରତର ଏରେସ୍ପେଶ୍ ପ୍ରତିରକ୍ଷା ଉତ୍ପାଦନର ଶକ୍ତିକେନ୍ଦ୍ର କରିବା ଦିଗରେ ଏହା ଏକ ନିର୍ଣ୍ଣାୟକ ପଦକ୍ଷେପ ସାବ୍ୟସ୍ତ ହେବ ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି।  ଆଗାମୀ ଦିନରେ ପ୍ରଯୁକ୍ତିବିଦ୍ୟାକୁ ଆହୁରି ସୁଦୃଢ଼ କରିବାକୁ ହେବ। ସେନାକୁ ମଜଭୁତ କରିବାରେ ହାଲ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହାର ପ୍ରଚ୍ଛଦପଟରେ ଅନେକ ପିଢ଼ିର ଯନ୍ତ୍ରୀ, ବୈଜ୍ଞାନିକ ଓ କର୍ମଚାରୀଙ୍କ ନିଷ୍ଠା ରହିଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି।

**- V/O -**

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି, ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ଅତ୍ୟାଧୁନିକ ପ୍ରକଳ୍ପ

ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଆତ୍ମନିର୍ଭରତାକୁ ଆହୁରି ମଜଭୁତ କରିବ। ଏଥିସହିତ ବିଶ୍ୱସ୍ତରରେ ଦେଶର ସାମର୍ଥ୍ୟକୁ ଏକ ନୂତନ ପରିଚୟ ପ୍ରଦାନ କରିବାରେ ସହାୟକ ହେବ। ଏହି ସଫଳତା ପାଇଁ ହାଲ୍'ର ସମସ୍ତ ବୈଜ୍ଞାନିକ, ଇଞ୍ଜିନିୟର ଓ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇବା ସହ ପ୍ରଶଂସା କରିଛନ୍ତି। ଏହି ଅବସରରେ ହାଲ୍‌ରେ ନିର୍ମିତ ଦୁଇ ହଜାର ତମ ଇଞ୍ଜିନ୍‌କୁ ପ୍ରତିକାତ୍ମକଭାବେ ଭାରତୀୟ ବାୟୁସେନାକୁ ହସ୍ତାନ୍ତର କରାଯାଇଥିଲା।

English Pool

## କ୍ୟାବିନେଟ୍ ବୈଠକ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏକୀକୃତ ପରିବହନ ଓ ଲଜିଷ୍ଟିକ ପ୍ରାଧିକରଣ ଗଠନକୁ ମଞ୍ଜୁରି ମିଳିଛି। ଏ ସମ୍ପର୍କରେ ସୂଚନା ଦେଇ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ନିଷ୍ପତ୍ତି ଦ୍ୱାରା ପରିବହନ ଓ ଲଜିଷ୍ଟିକ୍ କ୍ଷେତ୍ରରେ ଅନୁସନ୍ଧାନ ଯୋଜନା ତଦାରଖ ଏବଂ ପ୍ରଭାବ ଆକଳନକୁ ଆହୁରି ସୁଦୃଢ଼ କରାଯାଇପାରିବ।

ଏହାସହ କ୍ୟାବିନେଟ୍‌ରେ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗରେ ଇକ୍ୱିଟି ନିବେଶ ପାଇଁ ୧୦ ହଜାର କୋଟି ଟଙ୍କାର ସ୍ମଲ୍ ଏବଂ ମିଡିୟମ ଏଣ୍ଟରପ୍ରାଇଜେସ ଗ୍ରୋଥ ଫଣ୍ଡର ସ୍ଥାପନାକୁ ମଧ୍ୟ ମଞ୍ଜୁରି ମିଳିଛି।

କ୍ୟାବିନେଟରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷର ନେତୃତ୍ୱ ପୂରଣ ଅବସରରେ ଅଭିନନ୍ଦନ ଜଣାଇ ଏକ ପ୍ରସ୍ତାବ ପାରିତ

ହୋଇଛି। ଏ ସମ୍ପର୍କରେ ଶ୍ରୀ ବୈଷ୍ଣବ କହିଛନ୍ତି, ପ୍ରସ୍ତାବରେ ୧୦ଟି ପ୍ରମୁଖ ଦିଗକୁ ଉଲ୍ଲେଖ କରାଯାଇଛି।

**- V/O –**

Desk

# ପଞ୍ଚାୟତ ଓ ପୌର ନିର୍ବାଚନ

ରାଜ୍ୟରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ -୨୦୨୭ ପାଇଁ ସ୍ୱଚ୍ଛ, ନିରପେକ୍ଷ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ରାଜ୍ୟ ନିର୍ବାଚନ ଆୟୋଗଙ୍କ ସମ୍ମିଳନୀ କକ୍ଷରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ି ଅଧ୍ୟକ୍ଷତା କରି ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଆଗାମୀ ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତି ସମ୍ପର୍କରେ ନିଜସ୍ୱ ମତାମତ ଓ ପରାମର୍ଶ ଉପରେ ଆଲୋଚନା କରିଥିଲେ। ଆସନ୍ତା ୨୬ ତାରିଖରେ ରାଜ୍ୟରେ ଆରମ୍ଭ ହେବାକୁ ଥିବା ଘରକୁ ଘର ସର୍ଭେ ସମ୍ପର୍କରେ  ପ୍ରତିନିଧିମାନଙ୍କୁ ଅବଗତ କରାଯାଇଥିଲା। ପ୍ରତ୍ୟେକ ରାଜନୈତିକ ଦଳକୁ ନିଜର ବୁଥ୍‌ସ୍ତରୀୟ ଏଜେଣ୍ଟମାନଙ୍କୁ ରାଜ୍ୟର ସମସ୍ତ ମତଦାନ କେନ୍ଦ୍ରଗୁଡ଼ିକରେ ନିୟୋଜିତ କରିବା ସହ ସର୍ଭେ ସମୟରେ ସକ୍ରିୟ ଅଂଶଗ୍ରହଣ ନିଶ୍ଚିତ କରିବାକୁ ଆୟୋଗ ପକ୍ଷରୁ ଅନୁରୋଧ କରାଯାଇଛି।

Desk

# ନୋବେଲ ପୁରସ୍କାର

ପଦାର୍ଥ ବିଜ୍ଞାନରେ ୨୦୨୬ ବର୍ଷ ପାଇଁ ନୋବେଲ ପୁରସ୍କାର ଘୋଷଣା ହୋଇଛି। ମହାକାଶରୁ ଆସୁଥିବା ଅତ୍ୟଧିକ ଶକ୍ତିଶାଳୀ ନ୍ୟୁଟ୍ରିନୋ ଚିହ୍ନଟ  ଏବଂ ଅଧ୍ୟୟନରେ ନିର୍ଣ୍ଣାୟକ ଅବଦାନ ପାଇଁ ବେଲଜିଆନ-ଆମେରିକୀୟ ବୈଜ୍ଞାନିକ ଫ୍ରାନ୍‌ସିସ୍ ହାଲଜେନ୍‌ଙ୍କୁ ଏହି ପୁରସ୍କାର ପାଇଁ ମନୋନୀତ କରାଯାଇଛି। ବର୍ତ୍ତମାନ ବୈଜ୍ଞାନିକ ହାଲଜେନ୍ ଓ୍ୱିସକନସିନ୍-ମାଡିସନ୍ ବିଶ୍ୱବିଦ୍ୟାଳୟର ଅଧ୍ୟାପକଭାବେ କାର୍ଯ୍ୟରତ ଅଛନ୍ତି।

Kataka

## ଉଚ୍ଚସ୍ତରୀୟ ବୈଠକ

ରାଜ୍ୟରେ ଆସନ୍ତା ୧୫ ତାରିଖରେ ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନ, ପର୍ବପର୍ବାଣୀ ସମୟରେ ଆଇନଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ ଏବଂ ନିଶାମୁକ୍ତ ଓଡ଼ିଶା ଅଭିଯାନ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷତା କରି ପୁଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ନିର୍ବାଚନ ସମୟରେ ସମନ୍ୱୟ ବଜାୟ ରଖିବା ପାଇଁ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଉପଜିଲ୍ଲାପାଳ ଏବଂ କଲେଜ ଅଧ୍ୟକ୍ଷକଙ୍କ ମଧ୍ୟରେ ବୈଠକ କରିବାକୁ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ସାଇବର ଅପରାଧ ନିୟନ୍ତ୍ରଣ ପାଇଁ ସାଇବର ପୁଲିସ ଷ୍ଟେସନ୍‌ଗୁଡ଼ିକର କାର୍ଯ୍ୟକଳାପକୁ ଆହୁରି ସୁଦୃଢ଼ କରିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ମହିଳା ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ସମ୍ବେଦନଶୀଳ ମାମଲାଗୁଡ଼ିକର ତ୍ୱରିତ ନିରପେକ୍ଷ ଏବଂ ଫଳପ୍ରଦ ତଦନ୍ତ

ସୁନିଶ୍ଚିତ କରିବା, ନିଶାମୁକ୍ତ ଓଡ଼ିଶା ଅଭିଯାନକୁ ସଶକ୍ତ କରିବା ସହ ନିଶାଦ୍ରବ୍ୟର ଚୋରାଚାଲାଣ ଏବଂ ଅପରାଧିକ ନେଟୱାର୍କ ବିରୁଦ୍ଧରେ କଠୋର ପଦକ୍ଷେପ ନେବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି।

HS

## ଧର୍ମେନ୍ଦ୍ର ପ୍ରଧାନ-ପତ୍ର

ସମ୍ବଲପୁର ଏବଂ ସ୍ଥାନୀୟ ଅଞ୍ଚଳର ଜାତୀୟ ରାଜପଥ ଭିତ୍ତିଭୂମିର ବିକାଶ, ଯାତାୟତକୁ ସୁଗମ କରିବା ତଥା ସଡ଼କ ସୁରକ୍ଷାକୁ ଗୁରୁତ୍ୱ ଦେଇ ସାଂସଦ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ପତ୍ର ଲେଖିଛନ୍ତି। ସମ୍ବଲପୁର ଏବଂ ଏହାର ଆଖପାଖ ଅଞ୍ଚଳରେ ବୃଦ୍ଧି ପାଉଥିବା ଶିଳ୍ପ, ଖଣିଜ ଏବଂ ଆର୍ଥିକ କାର୍ଯ୍ୟକୁ ସୁଦୃଢ଼ କରିବା ପାଇଁ ସମ୍ବଲପୁର, କଟକ ଜାତୀୟ ରାଜପଥ ୫୫ର ୪ ଲେନ୍‌କୁ ୬ ଲେନ୍‌ରେ ସମ୍ପ୍ରସାରଣ  କରିବାକୁ ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି। ସଡ଼କ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରସ୍ତାବିତ ଜିନ୍ଦଲ ରୋଡ, ଜରପଡ଼ା, ଜେରାଙ୍ଗ ଏବଂ ଚାରମାଳଠାରେ ଚାରୋଟି ଅଣ୍ଡରପାସ୍ ନିର୍ମାଣ ପାଇଁ ତୁରନ୍ତ ପ୍ରଶାସନିକ ଓ ଆର୍ଥିକ ମଞ୍ଜୁରୀ ପ୍ରଦାନ କରିବାକୁ ଶ୍ରୀ ପ୍ରଧାନ ନିବେଦନ କରିଛନ୍ତି।

Desk

## ବୀରଯବାନଙ୍କ ଦେହାନ୍ତ

ନାଗାଲାଣ୍ଡରେ କର୍ତ୍ତବ୍ୟରତ ଅବସ୍ଥାରେ ଓଡ଼ିଶା ମାଟିର ପୁଅ ବୀରଯବାନ ଭୁଡ଼ି ତେଜାଙ୍କ ମୃତ୍ୟୁ ହୋଇଛି। ସେ ୧୫ ଆସାମ ରାଇଫଲ୍‌ସର ରାଇଫଲ ମ୍ୟାନ୍ ଭାବରେ କାର୍ଯ୍ୟରତ ଥିଲେ। ତାଙ୍କ

ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକପ୍ରକାଶ କରିଛନ୍ତି। ଓଡ଼ିଶାର ମାଟିର ପୁଅଭାବେ ଦେଶ ମାତୃକା ସେବାରେ ତାଙ୍କର ଏହି ସର୍ବୋଚ୍ଚ ବଳିଦାନ ଓ ନିଷ୍ଠା ସର୍ବଦା ଚିରସ୍ମରଣୀୟ ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

Bhadrak

## ଛାତ୍ରୀନିବାସ

ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ କାଁପଡ଼ା ପଞ୍ଚାୟତସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ଛାତ୍ରୀ ନିବାସର ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୨ କୋଟି ୫୦ ଲକ୍ଷ ଟଙ୍କା ଅନୁଦାନ ମିଳିଛି। ୯ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଛାତ୍ରୀ ନିବାସରେ ଅଧ୍ୟୟନରତ ଛାତ୍ରୀମାନଙ୍କୁ ଷଷ୍ଠରୁ ଯୁକ୍ତ ଦୁଇ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଶୈକ୍ଷିକ ସୁବିଧା ଯୋଗାଇ ଦିଆଯିବ ବୋଲି ଜିଲ୍ଲା ସର୍ବଶିକ୍ଷା ଅଭିଯାନ ବାଳିକା ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି।

Nayagada

## ସେବା ସେତୁ ଅଭିଯାନ

ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ସଭାଗୃହଠାରେ ପଞ୍ଚାୟତିରାଜ ଏବଂ ପାନୀୟଜଳ ବିଭାଗ ପକ୍ଷରୁ ସେବା ସେତୁ ଅଭିଯାନ–୨୦୨୬ ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାଚସ୍ପତି ସୁରମା ପାଢ଼ି ଅଧ୍ୟକ୍ଷତା କରି ଗ୍ରାମାଞ୍ଚଳରେ ହିତାଧିକାରୀଙ୍କ ନିକଟରେ ବିଭିନ୍ନ ସରକାରୀ ଯୋଜନା ପହଁଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଥିଲେ।

Boudh

## ସେବା ଜ୍ୟୋତି ଯାତ୍ରା

ବୌଦ୍ଧ ଜିଲ୍ଲାରେ ସେବା ସଂକଳ୍ପ ଅଭିଯାନ -୨୦୨୬ ଅବସରରେ ଜିଲ୍ଲାସ୍ତରୀୟ ସେବା ଜ୍ୟୋତି ଯାତ୍ରା ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଧାୟକ ସରୋଜ କୁମାର ପ୍ରଧାନଙ୍କ ସମେତ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଯୋଗଦେଇ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଅଲୋଚନା କରିଥିଲେ ।

Ganjam

## ଶିଶୁ ଶ୍ରମ ଟାସ୍କଫୋର୍ସ ବୈଠକ

ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଶିଶୁ ଶ୍ରମ ନିରୀକ୍ଷଣ କମିଟି ଓ ଶିଶୁ ଶ୍ରମ ଟାସ୍କଫୋର୍ସର ବୈଠକ ହୋଇଯାଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେରକେଟା ଅଧ୍ୟକ୍ଷତା ଜିଲ୍ଲାରେ ଶିଶୁ ଶ୍ରମିକଙ୍କୁ ଚିହ୍ନଟ, ଉଦ୍ଧାର ଏବଂ ଥଇଥାନ ଉପରେ ଗୁରୁତ୍ୱାରୋପ କରିଥିଲେ ।

Nayagada

## ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ନୟାଗଡ଼ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ କାର୍ଯ୍ୟସ୍ଥଳରେ ମହିଳାଙ୍କ ସୁରକ୍ଷା ସମ୍ପର୍କିତ ଦିନିକିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମହିଳାଙ୍କ ପାଇଁ ନିରାପଦ ଏବଂ ସମ୍ମାନଜନକ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

Ganjam

## ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ ଅଭିଯାନ

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରସ୍ଥିତ ପୁରୁଣା ବସ୍‌ଷ୍ଟାଣ୍ଡଠାରେ 'ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ' ଅଭିଯାନରେ ପରିବେଶ ସୁରକ୍ଷାକୁ ସାମିଲ କରି 'ଫ୍ରି ଦ ଟ୍ରି' ଅଭିଯାନ ଆରମ୍ଭ ହୋଇଛି । ଏହି ଅବସରରେ ବୃକ୍ଷର ସୁରକ୍ଷା ପାଇଁ କଣ୍ଟା ଓ ହୋର୍ଡିଂ ନ ଲଗାଇବାକୁ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା ।

Jajpur

## ମା' ବିରଜାଙ୍କ ରଥଯାତ୍ରା

ଯାଜପୁରସ୍ଥିତ ମା' ବିରଜାଙ୍କ ରଥଯାତ୍ରା ଏବଂ ଆଗାମୀ ପାର୍ବଣରେ ଜିଲ୍ଲାରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ  ହୋଇଯାଇଛି ।

Kataka

## ବୃତ୍ତିଗତ ପ୍ରତିଯୋଗିତା

ରାଜ୍ୟ ପୁଲିସ ବାହିନୀରେ କାର୍ଯ୍ୟରତ କନେଷ୍ଟବଲଠାରୁ ଇନ୍ସପେକ୍ଟର ପାହ୍ୟା ପର୍ଯ୍ୟନ୍ତ କର୍ମଚାରୀଙ୍କ ବୃତ୍ତିଗତ ଦକ୍ଷତା ପାଇଁ କଟକସ୍ଥିତ ରିଜର୍ଭ ପୁଲିସ ଗ୍ରାଉଣ୍ଡଠାରେ ୭୧ତମ ବୃତ୍ତିଗତ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ପ୍ରତିଯୋଗିତାରେ ରାଜ୍ୟର ୩୯ଟି ପୁଲିସ ୟୁନିଟ୍‌ରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ । ଏଥିରେ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ଚୟନ କରାଯାଇ ଆଗାମୀ ଅଲ୍-ଇଣ୍ଡିଆ ପୁଲିସ ମିଟ୍ ପାଇଁ ଓଡ଼ିଶା ପୁଲିସ ଦଳ ଗଠନ କରାଯିବ ବୋଲି ପୁଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ସୂଚନା ଦେଇଛନ୍ତି ।